# Akashvani, Sambalpur

## SAMBALPURI NEWS EVENING BULLETIN
## 22 January 2025- 7.02 pm- 7.12 pm.

******************************************

୧- ରାଜ୍ୟ କେବିନେଟ୍ ବୈଠକ୍‌ଥି ୧୦ ଟା ପ୍ରସ୍ତାବ୍‌କେ ମିଲିଛେ ମଂଜୁରି ।

- ଫି ପଂଚାୟତ୍‌ନ ଥାପ୍‌ନା କରାଯିବା ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ରାଏଜେ ନିଯୁକ୍ତି ପାଏବେ ୫ ହଜାର୍ ଡାକ୍ତର

୨- ଲିଙ୍ଗଗତ ଭେଦ୍‌ଭାବ୍ ଦୂର୍ କର୍‌ବାର୍ ଦିଗେ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ୍ ସାଜିଛେ ସଫଲ୍ ମାଧ୍ୟମ- କହେଲେ ପ୍ରଧାନମନ୍ତ୍ରୀ

-ବେଟି ବଚାଓ ବେଟି ପଢ଼ାଓ ଅଭିଯାନ୍‌କେ ପୁର୍‌ଲା ୧୦ ବଛର୍

୩- ମଡ଼ିଆ ଘିନ୍‌ବାର୍ ଲାଗି ଚାଷୀ ପଂଜିକରଣ ସମିଆ ବଢ଼ାଲେ ରାଜ୍ୟ ସର୍‌କାର

ଆଉର୍

୪-  ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ରାଂଚିଠାନେ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଆର୍ ଦିଲ୍ଲୀ ଏସ୍‌ପି ପାଇପର୍ସ ଭିତ୍‌ରେ ଚାଲିଛେ ମେଚ୍ ।

## ରାଜ୍ୟ କ୍ୟାବିନେଟ୍        I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକ୍‌ଥି ୧୦ ପ୍ରସ୍ତାବ୍‌କେ ମଂଜୁରି ମିଲିଛେ । ବୈଠକ୍‌ଥି ଫି’ ପଂଚାୟତ୍‌ନ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଥାପ୍‌ନା ଲାଗି ନିଷ୍ପତି ହେଇଛେ । ଇଥିର୍ ଲାଗି ସରକାରଙ୍କର୍ ତର୍‌ଫୁ ୧୨ ହଜାର୍ କୋଟି ଟଙ୍କାର୍ ବ୍ୟୟ ବରାଦ୍ କରାଯାଇଛେ । ଇ ବଛର୍ ପହେଲା ଖେପେ ମୋଟ୍ ଶହେ ୧୪ଟା ପଂଚାୟତ୍‌ନ ଆଦର୍ଶ ବିଦ୍ୟାଳୟ ଥାପ୍‌ନା କରାଯିବା ।

ସେନ୍ତା ଗ୍ରାମାଂଚଲର୍ ମୌଲିକ୍ ଭିତିଭୂମିର୍ ବିକାଶ ଲାଗି ଭିନ୍ ଭିନ୍ ଥାୟୀ ଉନ୍ନୟନ୍ ମୂଲକ୍ ପ୍ରକଳ୍ପ, ରାସ୍ତା ସଂଯୋଗୀକରଣ୍, ଶିକ୍ଷା ଆଉ ଖେଲ୍ ଭିତିଭୂମି ଆଉ ଛୋଟ୍ ପର୍ଯ୍ୟଟନ ସ୍ଥଳିର୍ ଉନ୍ନତି ଲାଗି ରାଜ୍ୟ ସରକାର ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଯୋଜ୍‌ନାକେ ମଂଜୁରି ଦେଇଛନ୍ । ଇଥିର୍ ଲାଗି ୫ ହଜାର୍ କୋଟି ଟଙ୍କା ବ୍ୟୟ ବରାଦ୍ କରାଯାଇଛେ ।

ଓଡ଼ିଶା ଡାକ୍ତରୀ ଆଉ ସ୍ୱାସ୍ଥ୍ୟସେବା ନିୟମାବଳୀ-୨୦୧୭ଥି ସଂଶୋଧନ୍‌କେ ମଂଜୁରି ମିଳିଛେ । ଇତାର୍ ସଙ୍ଗେ ରାଏଜେ ୫ ହଜାର୍ ଡାକ୍ତରଙ୍କର୍ ସହେତେ ଶହେ ୨୬ ଝନ୍ ଦନ୍ତ ଚିକିସ୍ତକ୍‌ଙ୍କୁ ନିଯୁକ୍ତି ଦେବାର୍‌କେ ନିଷ୍ପତି ହେଇଛେ । କୃଷି କ୍ଷେତ୍ରର୍ ଉନ୍ନତି ଲାଗି ରାଏଜେ ନୂଆ ଶୀତଲ୍ ଭଣ୍ଡାର୍ ଥାପ୍‌ନା କର୍‌ବାର୍‌କେ ସରକାର୍ ୫୦ ପ୍ରତିଶତ୍ ତକ୍ ବିଦ୍ୟୁତ୍ ଶୁଲ୍କ ରିହାତି ଦେବାର୍ ସହେତେ ଦେଢ଼କୋଟି ଟଙ୍କତକ୍ ଖାସ୍ ରିହାତି ଦେବେ । ନିବେଶ୍ କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଆର୍‌ଆଇଆର୍ କମ୍ପାନିକେ ନିବେଶ୍ ଲାଗି ସୁଯୋଗ୍ ଦିଆଯିବା । ଇ କମ୍ପାନୀକେ ୫୦ ପ୍ରତିଶତ୍ ଇନ୍‌ସେଂଟିଭ୍ ଦିଆଯିବା । ଉଚ୍ଚ ଶିକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ୍ ୧୯୮୯ ଥି ସଂଶୋଧନ୍ ପ୍ରସ୍ତାବ୍‌କେ କେବିନେଟ୍‌ର ଅନୁମୋଦନ୍ ମିଳିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବେଟି ବଚାଓ ବେଟି ପଢ଼ାଓ          ପିଆଇବି

ଲିଙ୍ଗଗତ ଭେଦ୍‌ଭାବ୍ ଦୂର୍ କର୍‌ବାର୍ ଆଉ ଝି-ମାନଙ୍କୁ ସଶକ୍ତ କର୍‌ବାର୍ ଦିଗେ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ୍ ଗୁଟେ୍ ସଫଲ୍ ମାଧ୍ୟମ୍ ହେଇଛେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦି କହିଛନ୍ । ଅଭିଯାନ୍‌ର ୧୦ ବଛର୍ ପୁର୍ତି ଅବ୍‌ସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଗୁଟେ ଯୁଗାନ୍ତକାରୀ, ଜନଶକ୍ତି ଆଧାରିତ୍ କାର୍ଯ୍ୟକ୍ରମ ବଲି କହିଛନ୍ । ସେ କହିଛନ୍, ଇ ଯୋଜ୍‌ନା ଝିଅ କମ୍ ରହିଥିବା ଜିଲ୍ଲାମାନ୍‌କେ ଆଶାନୁରୂପ୍ ଅଗ୍ରଗତି କରିଛେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଜିର୍ ଦିନେ ଟୁକେଲ୍ ଛୁଆମାନଙ୍କର୍ ବିକାଶ୍, ଲିଙ୍ଗଗତ୍ ଅସମାନତାକେ ଦୁର୍ କର୍‌ବାର୍, ପୁଓ-ଝି ଭିତ୍‌ରେ ଜନମ୍ ହାର୍‌ଥି ସମାନ୍‌ତା ସହେତେ ବାଲିକାମାନଙ୍କର୍ ସର୍ବାଙ୍ଗୀନ୍ ବିକାଶ୍ ଲାଗି ହରିୟାନାର୍ ପାନିପତ୍ ସହର୍‌ନ ଇ ଯୋଜ୍‌ନା ମୁଲ୍ କରିଥିଲେ । ସରକାର୍‌ଙ୍କର୍ ଇ ପଦକ୍ଷେପ୍ ଲାଗି ଗଲା ୧୦ ବଛର୍ ଭିତ୍‌ରେ ଲିଙ୍ଗଗତ ଅନୁପାତ୍‌ଥି ଟୁକେଲ୍ ଛୁଆମାନଙ୍କର୍ ଜନମ୍ ହାର୍ ବଢ଼ିଛେ । ଆର୍ଥିକ୍ କ୍ଷେତ୍ରଥି ମହିଲାମାନଙ୍କର୍ ଭାଗିଦାରିକେ ବଢ଼ାବାର୍ ସହେତେ ଶିକ୍ଷା, ଖେଲ୍, ପରିବେଶ ସନ୍ତୁଲନ୍ ରକ୍ଷା କର୍‌ବାର୍ ଦିଗେ ଇ ଅଭିଯାନ୍ ଗୁଟେ ଜନଆନ୍ଦୋଲନ୍‌ର ରୂପ୍ ନେଇଛେ ।

ଇ ଅବ୍‌ସରେ କେନ୍ଦ୍ର ମହିଲା ଆର୍ ଶିଶୁ ବିକାଶ ମନ୍ତ୍ରଣାଳୟ ଆଉ ରାଜ୍ୟ ସର୍‌କାରଙ୍କର୍ ତର୍‌ଫୁ ଆଏଜ୍‌ଠାନୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ ।

ଇ ଅବ୍‌ସରେ ରାଜ୍ୟ ସର୍‌କାରଙ୍କର୍ ତର୍‌ଫୁ ଭୁବନେଶ୍ୱର କଲିଙ୍ଗ ଷ୍ଟାଡିୟମ୍‌ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ

ପ୍ରଭାତି ପରିଡ଼ା ଯୋଗ୍ ଦେଇକରି ଲିଙ୍ଗଗତ ଭେଦ୍‌ଭାବ୍ ଦୂର୍ କରି କରି ଶିଶୁକନ୍ୟାମାନ୍‌ଙ୍କୁ ସମାଜ୍‌ଥି ସମାନ୍ ଅଧିକାର, ସୁରକ୍ଷା ଦେବାର୍, ଶିକ୍ଷିତ୍ କର୍‌ବାର ସମସ୍ତଙ୍କର୍ ନୈତିକ୍ ଦାୟିତ୍ୱ ହେବାର୍ ଦର୍‌କାର୍ ବଲି କହିଛନ୍ ।

କେନ୍ଦ୍ର କେବିନେଟ୍ ସ୍ୱାସ୍ଥ୍ୟ ମିଶନ୍ ଅଗ୍ରଗତି ପିଆଇବି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍‌କେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ଥି ଗଲା ୩ ବଛର୍ ଭିତ୍‌ରେ ହେଇଥିବା ଅଗ୍ରଗତି ବାବ୍‌ଦେ ଜନେଇ ଦିଆଯାଇଛେ । ମାତୃ ମୃତ୍ୟୁ ହାର୍ କମାବାର୍, ଯକ୍ଷ୍ମା, ମେଲେରିଆ, କଲା ଜର୍, ଡେଙ୍ଗୁ, କୁଷ୍ଠରୋଗ୍, ଭାଇରାଲ୍ ହେପାଟାଇଟିସ୍ ବାଗିର୍ ଭିନ୍ ଭିନ୍ ରୋଗ୍ ନିରୋଧି କାର୍ଯ୍ୟକ୍ରମ ବାବ୍‌ଦେ କେବିନେଟ୍‌କେ ସୂଚ୍‌ନା ଦିଆଯାଇଥିଲା । ଜନସ୍ୱାସ୍ଥ୍ୟ କ୍ଷେତ୍ରଥି ସୁଧାର୍ ଆନ୍‌ବାର୍‌ଥି ଗୁଟେ ମାଇଲ୍‌ଖୁଂଟା ହାସଲ୍ ହେଇଛେ ବଲି ସୂଚ୍‌ନା ଦିଆଯାଇଛେ ।

ଝୋଟ୍ ଏସ୍‌ପି ବଢ଼୍‌ଲା ପିଆଇବି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଅର୍ଥନୈତିକ୍ ବ୍ୟାପର୍ ବାବଦ୍ କ୍ୟାବିନେଟ୍ କମିଟି ୨୦୨୫-୨୬ ବିପଣନ୍ ବଛର୍ ଲାଗି ଝୋଟ୍ ଚାଷୀମାନଙ୍କର୍ ଲାଗି ସର୍ବନିମ୍ନ ସହାୟକ୍ ଦାମ୍-ଏମ୍ଏସ୍ପିକେ ଅନୁମୋଦନ୍ କରିଛେ । ୨୦୨୫-୨୬ ଉତ୍ପାଦନ୍ ରତୁର୍ ଲାଗି ଝୋଟର୍ ସର୍ବନିମ୍ନ ସହାୟକ୍ ଦାମ୍ ୫ ହଜାର ୬ ଶହ ୫୦ ଟଙ୍କା ଧାରିଜ୍ କରାଯାଇଛେ । ଗଲା ବଛର୍ ଠାନୁ ଇ ବଛର୍ ଝୋଟର୍ ଏମ୍ଏସ୍ପି କୁଇଂଟାଲ୍ ପିଛା ୩ ଶହ ୧୫ ଟଙ୍କା ବଢ଼ାଯାଇଛେ ।

ବିଧାନ ସଭା ବଜେଟ୍ ଅଧିବେଶନ-      ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ବିଧାନସଭାର୍ ୧୭ ନମ୍ବର୍ ବଜେଟ୍ ଅଧିବେଶନ୍ ଫେବୃୟାରୀ ୧୩ ତାରିଖ୍ନୁ ମୁଲ୍ ହେବା । ଅଧିବେଶନ୍ର ପହେଲା ଦିନେ ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍ପାଟି ଅଭିଭାଷଣ ରଖିବେ । ଦୁଇଟା ଖେପେ ହେବାର୍କେ ଥିବା ଅଧିବେଶନ୍ଥି ୨୮ଟା କାର୍ଯ୍ୟଦିବସ୍ ରହେବା । ପହେଲା ଖେପ୍ ଫେବୃୟାରୀ ୧୩ନୁ ୨୧ ତାରିଖ୍ ତକ୍ ଆଉ ଦୁଇ

ନମ୍ବର୍ ଖେପ୍ ମାର୍ଚ୍ଚ ୭ନୁ ଏପ୍ରିଲ୍ ୫ ତାରିଖ୍ ତକ୍ ଚାଲ୍‌ବା । ଫେବୃୟାରୀ ୧୭ ତାରିଖ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍‌ବେ ।

ମଡ଼ିଆ ପଂଜିକରଣ ସମିଆ ବୃଦ୍ଧି      ଆର୍‌ଏନ୍‌ୟୁ/ କଟକ

ରାଜ୍ୟ ସର୍‌କାର ଖରିଫ୍ ମଡ଼ିଆ ଘିନ୍‌ବାର୍ ଲାଗି ଚାଷୀ ପଂଜିକରଣ ସମିଆକେ ଇ ମାସର୍ ୩୧ ତାରିଖ୍ ତକ୍ ବଢ଼େଇଛନ୍ । ମଡ଼ିଆଚାଷୀମାନେ ନିଜର୍ ପାଖର୍ କୃଷକ୍ ସଙ୍ଗଠନ, ପେକ୍ସ, ଲେମ୍ପସ୍ ଆଉର୍ ମହିଲା ସ୍ୱୟଂ ସହାୟକ୍ ଗୋଷ୍ଠୀ ଜରିଏ ଧାରିଜ୍ ତାରିଖ୍ ଭିତ୍‌ରେ ମଡ଼ିଆ ବିକ୍‌ବାର୍ ଲାଗି ପଂଜିକରଣ୍ କରାର୍‌କେ ସରକାରଙ୍କ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଇ ବଛର୍ ଖରିଫ୍ ମଡ଼ିଆ ଠୁଲାବାର୍ କାମ୍ ମାର୍ଚ୍ଚ ମାସର୍ ୩୧ ତାରିଖ୍ ତକ୍ ଚାଲ୍‌ବା ।

ଉତ୍କର୍ଷ ଓଡ଼ିଶା ସମ୍ମିଳନୀ-ପ୍ରେସ୍ ମିଟ୍      ଭୁବନେଶ୍ୱର ସମ୍ବାଦଦାତା

ଭୁବନେଶ୍ୱର ଜନତା ମଏଦାନ୍‌ଠାନେ ଆଏବା ୨୮ ଆଉ ୨୯ ତାରିଖ୍ ଦୁଇଦିନିଆ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଲନୀ ହେବା । ଇ ବାବ୍‌ଦେ ଶିଳ୍ପ ବିଭାଗର୍ ପ୍ରମୁଖ ସଚିବ ହେମନ୍ତ ଶର୍ମା ସାମ୍ବାଦିକ୍‌ମାନଙ୍କୁ ସୂଚ୍‌ନା ଦେଇକରି କହିଛନ୍, ୨୭ ତାରିଖ ଭିନ୍ ଭିନ୍ ଶିଳ୍ପ ସଂସ୍ଥାର୍ ପାଖାପାଖି ୨ ଶହ ଝନ୍ ପ୍ରତିନିଧି କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ଭୁବନେଶ୍ୱର୍ ଆଏବେ ।

ଜାତୀୟ ଶିକ୍ଷାନୀତି କର୍ମଶାଳା I&PR

ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟାନ୍ୱୟନ୍ ଉପ୍‌ରେ ହେଉଥିବା ଜାତୀୟ କର୍ମଶାଳାର୍ ଆଏଜ୍ ଥିଲା ଦୁଇ ନମ୍ବର ଦିନ୍ । କର୍ମଶାଳାଥି ଆଏଜ୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ଶିକ୍ଷାବିଦ୍‌ମାନେ ଯୋଗ୍ ଦେଇକରି ନୂଆ ଶିକ୍ଷାନୀତିର୍ ସବୁ ଦିଗ୍ ଉପ୍‌ରେ ଆଲୋଚନା କରିଛନ୍ । ଶିକ୍ଷା, ପରୀକ୍ଷା ପଦ୍ଧତି, ଭିତିଭୂମି, ପରୀକ୍ଷା ପରିଚାଲ୍‌ନା, ସଂସ୍କାର୍ ବାଗିର୍ ଭିନ୍ ଭିନ୍ ୧୦ଟା ଗ୍ରୁପ୍‌ଥି ଶିକ୍ଷାବିତ୍‌ମାନେ ମତାମତ୍ ଦେଇଛନ୍ ।

ଶ୍ରୀକୃଷ୍ଣ ଗୋଶାଲା  ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଏଜ୍ ସମ୍ବଲପୁର ପାଖର୍ ପୋତାପାଲିଠାନେ ଥିବାର୍ ଶ୍ରୀକୃଷ୍ଣ ଗୋଶାଲାନ ରାଧାକୃଷ୍ଣ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ସେନର୍ ଗୋଶାଲାକେ ବୁଲି ଦେଖିକରି ସର୍‌କାର ଗୋସମ୍ପଦର୍ ସୁରକ୍ଷା ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ ମୁଲ୍ କରିଛନ୍ ବଲି କହିଛନ୍ ।

(ଭଏସ୍-ଧର୍ମେନ୍ଦ୍ର ପ୍ରଧାନ)

ବୀର ସୁରେନ୍ଦ୍ର ସାଏ ଜୟନ୍ତୀ - ସମ୍ବଲପୁର ସମ୍ବାଦଦାତା

ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର୍ ସୁରେନ୍ଦ୍ର ସାଏଙ୍କର୍ ୨ ଶହ ୧୬ ନମ୍ବର ଜୟନ୍ତୀ ଆଏବାକାଏଲ୍ ରାଏଜର୍ ଭିନ୍ ଭିନ୍ ଜାଗାନ୍ ପାଲନ୍ କରାଯିବା । ଇ ଅବ୍‌ସରେ ସୁରେନ୍ଦ୍ର ସାଏଙ୍କର୍ ଜନମ୍ ମାଏଟ୍ ରେଙ୍ଗାଲି ବ୍ଲକ୍ ଖିଣା ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖିଆ କୁନୁଆ ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚି ରହିଛେ । ସେନ୍ତା ସହରର୍ ଜେଲ୍‌ଛକ୍‌ଠାନେ

ଥିବା ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୁର୍ତିଥି ପ୍ରଶାସନ୍ ଆର୍ ଭିନ୍ ଭିନ୍ ସଙ୍ଗଠନ୍ ତର୍‌ଫୁ ଫୁଲ୍‌ମାଲା ଦିଆଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ପୁଲିସ ମହାନିର୍ଦ୍ଦେଶକ୍ ସମୀକ୍ଷା ନୂଆପଡ଼ା

ଓଡ଼ିଶା ଛତିଶଗଡ଼ ସିମ୍‌ନାନ ହେଇଥିବା ଗୁଲିମରାମରି ଘଟ୍‌ନାକେ ନେଇକରି ଆଏଜ୍ ନୂଆପଡ଼ାଠାନେ ପୁଲିସ ମହାନିର୍ଦ୍ଦେଶକ ୱା.ବି. ଖୁରାନିଆ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ବିଧିବଦ୍ଧ ଭାବେ ସୂଚ୍‌ନା ଦେଇଛନ୍ । ସୁରକ୍ଷା ବାହିନୀର୍ ମାଓ ବିରୋଧୀ ଅଭିଯାନ୍‌ଥି ମାଓବାଦୀଙ୍କର୍ ମୃତ୍ୟୁସଂଖ୍ୟା ବଢ଼ିପାରେ ବଲି ଶ୍ରୀ ଖୁରାନିଆ ସୂଚ୍‌ନା ଦେଇଛନ୍ । ଘଟଣା ଉତ୍‌ରୁ ସିମ୍‌ନା ଇଲାକାନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ ବଲି ପୁଲିସ ଡିଜି କହିଛନ୍ ।

ବୁଣାକାର ସମିତି କର୍ମକର୍ତା ତାଲିମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କୃଷି ସମବାୟ ସମିତି-ପେକ୍ସଠାନେ ବୁଣାକାର ସମିତି କର୍ମକର୍ତାଙ୍କର୍ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ହେଇଯାଇଛେ । ସେଂଟର୍ ଫର୍ କୋ-ଅପରେଟିଭ୍ ମ୍ୟାନେଜ୍‌ମେଂଟ ତର୍‌ଫୁ

ବୁଣାକାର୍ ସମବାୟ ସମିତିର୍ ସମ୍ପାଦକ୍ ଆର୍ ପ୍ରତିନିଧିମାନଙ୍କୁ ତାଲିମ୍ ଦିଆଯାଇଛେ ।

ଲାଲ୍‌ମନି କ୍ରିକେଟ୍ ଟୁର୍ଣ୍ଣାମେଂଟ                ସୁବର୍ଣ୍ଣପୁର ସମ୍ବାଦଦାତ

ସୋନପୁର ଗାନ୍ଧୀ ପଡ଼ିଆଠାନେ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ୍ ଟୁର୍ନାମେଂଟର ପହେଲା ସେମି ଫାଇନାଲ୍ ମେଚ୍‌ଥି ଆଏଜ୍ ରକେଟ୍ ଏକାଦଶ ମୁମ୍ବାଇ ଟିମ୍‌କେ ୭ ୱିକେଟ୍‌ଥି ହରେଇକରି ସୁନ୍ଦରଗଡ଼ ନବ୍‌ଜୀବନ୍ କ୍ରିକେଟ୍ କ୍ଲବ୍ ଫାଇନାଲ୍ ଯାଇଛେ । ଆଏବାକାଏଲ୍ ସେର୍‌ସା ରାଂଚି ଦଲ୍ ଭୁବନେଶ୍ୱର ବାପୁଜୀ କ୍ରିକେଟ୍ କ୍ଲବ୍ ସାଙ୍ଗେ ଖେଲ୍‌ବା ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ସଞ୍ଝର୍ ୬ ବଜେନୁ ସ୍ୱାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଆର୍ ଦିଲ୍ଲୀ ଏସ୍‌ଜି ପାଇପର୍ସ ଭିତ୍‌ରେ ମେଚ୍ ଚାଲିଛେ ।

ସେଆଡ଼େ ପୁରୁଷ ବର୍ଗଥି ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ଥି ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ଜେ.ଏସ୍.ଡବ୍ଲୁ ସୁର୍‌ମା

ହକି କ୍ଲବ୍  ଭିତ୍‌ରେ ମେଚ୍ ହେବା । ଦୁହିଟା ଯାକ ମେଚ୍ ଝାର୍‌ଖଣ୍ଡ୍‌ର ରାଂଚି ନ ହେଉଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ କଟକ୍

ରାଏଜେ ପର୍ଶ୍ଚିମାଝଡ଼ ପ୍ରଭାବ୍‌ଥି ଆଏଜ୍ ଶୀତ୍ କମିଛେ ଆର୍ ୧ ନୁ ୨ ଡିଗ୍ରୀତକ୍ ତାପମାତ୍ରା ବଢ଼ିଛେ । ଓଡ଼ିଶାକେ ଜବର୍ ଜଳୀୟବାଷ୍ପ ଥିବା ପବନ୍ ଆସିଥିବାର୍‌ନୁ ପାଗ୍ ବଦ୍‌ଲିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ରାତିର୍ ତାପମାତ୍ରା ଭିଲ୍ ବଢ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ । ଉପକୂଳ, ମଝି ଆର୍ ଦକ୍ଷିଣ୍ ଓଡ଼ିଶା ନ ଜହକରି ତାପମାତ୍ରା ବଢ଼ିପାରେ । ଇତାର୍ ସହେତେ ୨୪ ତାରିଖ୍‌ତକ୍ ବହଲିଆ କୁହୁଡ଼ି ଦେଖାଯିବା । ୨୩ ତାରିଖ୍‌ତକ୍ ବହଲିଆ କୁହୁଡ଼ି ନେଇକରି ୪ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।